**ସଂକ୍ଷେପରେ**

## ଗାଡ଼ି ସହ ଶାଳକାଠ ଜବତ



ବଇଣ୍ଡା,୨୮।୬(ଡି.ଏନ.ଏ.): କଟକ-ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥର ହଣ୍ଡପା ଥାନା କମରେଇଠାରେ ରବିବାର ବିଳମ୍ବିତ ରାତିରେ ହଣ୍ଡପା ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଏକ ପିକ୍‌ଅପ୍ ଭ୍ୟାନ ଜବତ କରାଯାଇଛି। ଏଥିରୁ ୯୫ ପିସ୍ ଶାଳ ଚଉକାଠ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଘଟଣାରୁ ଜଣାପଡ଼ିଛି, ରେଢାଖୋଲ ଅଞ୍ଚଳରୁ ଉକ୍ତ ପିକ୍‌ଅପ୍ ଭ୍ୟାନ ଚଉକାଠ ବୋଝେଇ କରି ଅନୁଗୋଳ ଅଭିମୁଖେ ଆସୁଥିବା ସମ୍ପର୍କରେ ଆଠମଲ୍ଲିକ ଡିଏଫଓଙ୍କୁ ସୂଚନା ମିଳିଥିଲା। ପରେ ଡିଏଫଓ ଏସ୍. ଆନନ୍ଦଙ୍କ ନିର୍ଦ୍ଦେଶକ୍ରମେ ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା, ଫରେଷ୍ଟର ଦୀପ୍ତିରଞ୍ଜନ ବିଶ୍ୱାଳ, ଫରେଷ୍ଟ ଗାର୍ଡ ଅରୁଣ କୁମାର ଦୀପ, ଗଜେନ୍ଦ୍ର ବେହେରା, ସତ୍ୟବାନ ପ୍ରଧାନ, ସ୍ୱାଧୀନ ପ୍ରଧାନ, ଅମିୟ ସାହୁ ପ୍ରମୁଖ ଚଢ଼ାଉ କରିଥିଲେ। ତେବେ ଏହା ପୂର୍ବରୁ ଚାଳକଙ୍କ ସହ ଅନ୍ୟମାନେ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ।

## ଗୁଳିମାଡ଼ ଘଟଣା, ଆଉ ୨ କୋର୍ଟଚାଲାଣ

କାମାକ୍ଷାନଗର, ୨୮।୬ (ଡି.ଏନ.ଏ.): ଢେଙ୍କାନାଳ ଜିଲା କାମାକ୍ଷାନଗରରେ ଦୁଇ ସାହି ଗଣ୍ଡଗୋଳ ଓ ଗୁଳିମାଡ ଘଟଣାରେ ସୋମବାର ଆଉ ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଗିରଫଙ୍କ ମଧ୍ୟରେ ରଶ୍ମିରଞ୍ଜନ ବେହେରା ଓରଫ ରକି(୨୨) ଓ ଜଣେ ନାବାଳକ ରହିଛନ୍ତି। ନାବାଳକଙ୍କୁ ଅନୁଗୋଳସ୍ଥିତ ଜୁଭେନାଇଲ ହୋମକୁ ପଠାଇ ଦିଆଯାଇଛି। ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ୮ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଏହାକୁ ମିଶାଇ ଗିରଫଙ୍କ ସଂଖ୍ୟା ୧୦ରେ ପହଞ୍ଚିଛି। ଦୁଇ ସାହି ମଧ୍ୟରେ ବର୍ତ୍ତମାନ ସୁଦ୍ଧା ଚାପା ଉତ୍ତେଜନା ଲାଗି ରହିଥିବାରୁ ବିଭିନ୍ନ ଛକରେ ପୋଲିସ ମୁତୟନ କରାଯାଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୋଲିସ ପକ୍ଷରୁ ଟିମ୍ ଗଠନ କରାଯାଇ ବିଭିନ୍ନ ଜାଗାରେ ଚଢ଼ାଉ ଜାରି ରହିଥିବା ଥାନା ଅଧିକାରୀ ସୁନିଲ କୁମାର କର ସୂଚନା ଦେଇଛନ୍ତି।

## ଉନ୍ନୟନ କାର୍ଯ୍ୟ ସମୀକ୍ଷା

କଣିହାଁ,୨୮।୬(ଡି.ଏନ.ଏ.): ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ସୋମବାର କଣିହାଁ ବ୍ଲକ କାର୍ଯ୍ୟାଳୟ ପରିଦର୍ଶନରେ ଆସିଥିଲେ। ଏହି ସମୟରେ ବିଧାୟକ ବ୍ଲକରେ ଚାଲିଥିବା ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଏକ ସମୀକ୍ଷା ବୈଠକ କରିଥିଲେ। ବ୍ଲକର ୨୮ଟି ପଞ୍ଚାୟତ ମଧ୍ୟରୁ ପାଲଲହଡ଼ା ନିର୍ବାଚନ ମଣ୍ଡଳୀରେ ଥିବା ୧୯ ପଞ୍ଚାୟତରେ ହୋଇଥିବା ଓ ବାକିଆ ଥିବା ରାଜ୍ୟ ସରକାରଙ୍କ ଉନ୍ନୟନ ଯୋଜନା ଉପରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ବକେୟା କାର୍ଯ୍ୟକୁ ଶୀଘ୍ର ସାରିବା ସହିତ ହିତାଧିକାରୀଙ୍କୁ ଉପଯୁକ୍ତ ଯୋଜନାରେ ସାମିଲ କରିବାକୁ ପରାମର୍ଶ ଦେଇଥିଲେ। ଏ ନେଇ କଣିହାଁ ବିଡିଓ ନିଶାନ ମିଶ୍ର କହିଛନ୍ତି, ବିଧାୟକ ସହଯୋଗୀଙ୍କ ଗହଣରେ ଆସି ବ୍ଲକ ଅଫିସରେ ପହଞ୍ଚିଥିଲେ। ସରକାରୀ ଯୋଜନା ସମ୍ପର୍କରେ ସମୀକ୍ଷା କରିଥିଲେ। ଠିକ ଭାବେ କାର୍ଯ୍ୟକୁ ନେଇ ବିଧାୟକ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ସରକାରୀ ଜାଗାରେ ସମ୍ପ୍ରସାରଣ

- ମନଇଚ୍ଛା ମାଡ଼ିବସୁଛନ୍ତି ବହୁ ବ୍ୟବସାୟୀ
- ସଂକୀର୍ଣ୍ଣ ହୋଇଚାଲିଛି ଅନୁଗୋଳ ବଜାର
- ଡ୍ରେନ୍ ଅବରୋଧ ଯୋଗୁ ହୋଇପାରୁନି ବର୍ଷା ଜଳ ନିଷ୍କାସନ
- ପୌର କର୍ତ୍ତୃପକ୍ଷଙ୍କ ବିରୋଧରେ ବଢୁଛି ଅସନ୍ତୋଷ

ଅନୁଗୋଳ ଅଫିସ, ୨୮।୬

ବଢୁଛି ଅନୁଗୋଳ ସହର। ବଜାରରେ ବୃଦ୍ଧି ପାଉଛି ବ୍ୟବସାୟିକ ପ୍ରତିଷ୍ଠାନ। ପୌରାଞ୍ଚଳ ହୋଇଥିଲେ ବି ଏହା ଉପରେ ପୌରପାଳିକାର ସେପରି କର୍ତ୍ତୃତ୍ୱ ଥିବା ଭଳି ଲାଗୁନାହିଁ। କାରଣ ଡ୍ରେନ୍, ରାସ୍ତା ଆଦି ସରକାରୀ ଜାଗାକୁ ମଡ଼ାଇ ଅନେକ ବ୍ୟବସାୟୀ ଦୋକାନ ସମ୍ପ୍ରସାରଣ କରିଛନ୍ତି। ଫଳରେ କେଉଁଠି ରାସ୍ତା ସଂକୀର୍ଣ୍ଣ ହୋଇଯାଇଛି ତ ଆଉ କେଉଁଠି ବର୍ଷା ଜଳ ନିଷ୍କାସନ ପଥ ଅବରୋଧ ହୋଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା, ଏହି ଜବରଦଖଲକାରୀ ବ୍ୟବସାୟୀଙ୍କ ମଧ୍ୟରୁ ଅନେକେ ପୌରପାଳିକାର ନିଜସ୍ୱ ଦୋକାନ ଘର ଭଡ଼ାରେ ନେଇଛନ୍ତି। ହେଲେ ଏମାନଙ୍କ ବିରୋଧରେ ପୌର କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ଆଗ୍ରହ ଦେଖାଉ ନ ଥିବାରୁ ଅନ୍ୟ ଦୋକାନୀ ମଧ୍ୟ ଜବରଦଖଲରେ ଲାଗିପଡ଼ିଛନ୍ତି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଅନୁଗୋଳ ପୌରାଞ୍ଚଳରେ ୨ ହଜାରରୁ ଅଧିକ ଦୋକାନ ରହିଛି। କେବଳ ପୌରପାଳିକାର ନିଜସ୍ୱ ଦୋକାନ ଗୃହ ସଂଖ୍ୟା ୭୩୩। ସେଥିରୁ ୩ଶହରୁ ଊର୍ଦ୍ଧ୍ୱ ବ୍ୟବସାୟୀ ବେଆଇନ ଭାବେ ଦୋକାନ ଗୃହ ବଢ଼ାଇଛନ୍ତି। ଏ ସମ୍ପର୍କରେ ପୌର କର୍ତ୍ତୃପକ୍ଷ ଅବଗତ ଅଛନ୍ତି। ହେଲେ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ କେବଳ ସଚେତନତାରେ ସୀମିତ ରହିଛନ୍ତି। ପ୍ରଚାର ଗାଡ଼ି ବୁଲାଇ କାର୍ଯ୍ୟ ସାରିଦେଉଛନ୍ତି। ପୌର କର୍ତ୍ତୃପକ୍ଷଙ୍କ ଏପରି କୋହଳ ନୀତି ଦୋକାନୀମାନଙ୍କୁ ପ୍ରୋତ୍ସାହନ ଦେବା ଭଳି ହେଉଛି। ଫଳରେ ଯିଏ ଯେଉଁଠି ପାରିଲେ ଜବରଦଖଲରେ ଲାଗିପଡ଼ିଛନ୍ତି। ଏହି କାରଣରୁ ସହରବାସୀ ନାନା ସମସ୍ୟାରେ ପଡୁଛନ୍ତି। ବର୍ଷସାରା ବଜାରରେ ଟ୍ରାଫିକ ଜାମ୍‌ର ଶିକାର ହେଉଛନ୍ତି। ବର୍ଷା ଦିନେ ଅସୁବିଧା ଅଧିକ ବଢ଼ିଯାଉଛି। ଡ୍ରେନ୍ ସହ ଅନ୍ୟ ଜଳ ନିଷ୍କାସନ ପଥ ଜବରଦଖଲ ଯୋଗୁ ବର୍ଷା ପାଣି ସହରରୁ ବାହାରି ପାରୁନାହିଁ। ସେଣ୍ଟ୍ରାଲ ଲଜ୍ ନିକଟରେ ପ୍ରତିବର୍ଷ ଆଣ୍ଠୁଏ ପାଣିରେ ପଶି ଲୋକେ ରାସ୍ତା ପାର ହେଉଛନ୍ତି। ଉକ୍ତ ସ୍ଥାନରେ ଥିବା ଦୋକାନ ଗୁଡ଼ିକ ଆଗକୁ ମାଡ଼ିଯାଇଛନ୍ତି। ସେହିପରି ସହରରେ ଥିବା ଏକ ସୁନା ଦୋକାନ ଜବରଦଖଲ କରିଥିଲେ ବି ତାହାକୁ ନ ଭାଙ୍ଗି ସେଠାରେ ଡ୍ରେନ୍ ପଥ ପରିବର୍ତ୍ତନ କରାଯାଇଛି। ବଜାର ଭିତର ଦେଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସଂଯୋଗ କରୁଥିବା ରାସ୍ତା ସଂକୀର୍ଣ୍ଣ ହୋଇଚାଲିଥିବାରୁ ଅନେକ ସମୟରେ ଆମ୍ବୁଲାନ୍ସ ମଧ୍ୟ ଭିଡ଼ରେ ଫସିଯାଉଛି। ଦୋକାନୀମାନେ ରାସ୍ତା ଉପରକୁ ମାଡ଼ି ଆସିବା ସହ ବିଭିନ୍ନ ସାମଗ୍ରୀ ବାହାରେ ରଖୁଛନ୍ତି। ଡେଲି ମାର୍କେଟରୁ ବଜାର ଛକ ମଧ୍ୟରେ ପୌରପାଳିକାର ଥିବା ୮୪ଟି ଦୋକାନରୁ ୨୬ଟି ଦୋକାନୀ ବେଆଇନ ଭାବେ ଦୋକାନ ବଢ଼ାଇଛନ୍ତି। ଏ ନେଇ ସେମାନେ ପୌରପାଳିକାରୁ ଅନୁମତି ଆଣିଥିବା ଯୁକ୍ତି ମଧ୍ୟ ବାଢୁଛନ୍ତି। ତେଣୁ ସମସ୍ୟା ଦିନକୁ ଦିନ ବଢ଼ିଚାଲିଥିବା ସହରର ସଚେତନ ନାଗରିକମାନେ କହିଛନ୍ତି।



ଅନୁଗୋଳ ବଜାର ଭିତରେ ଯାଇଥିବା ଡ୍ରେନ୍ ଉପରକୁ ଦୋକାନ ଘର ବଢ଼ାଯାଇଛି।

### କେଉଁ ଅଞ୍ଚଳରେ ପୌରପାଳିକାର କେତେ ଦୋକାନ ରହିଛି

| ଅଞ୍ଚଳ | ଦୋକାନ ଘର |
|---|---|
| ନ୍ୟୁ ମାର୍କେଟ ବିଲ୍ଡିଂ | ୬୩ |
| ଓଲ୍ଡ ମାର୍କେଟ ବିଲ୍ଡିଂ | ୫ |
| ଏସିସିଟି ବସ୍‌ଷ୍ଟାଣ୍ଡ | ୨ |
| ହୋଟେଲ ନୀଳକମଳ | ୧ |
| ହୋଟେଲ ନୀଳକମଳ | ୬ |
| ଆରଆଇ କାର୍ଯ୍ୟାଳୟ ସମ୍ମୁଖ | ୫ |
| ହୋଟେଲ ବିଲ୍ଡିଂ ପଛପାର୍ଶ୍ୱ | ୧୮ |
| ଡେଲି ମାର୍କେଟ | ୭୬ |
| ସ୍ମିଥ୍ କ୍ଲବ ପାର୍ଶ୍ୱ | ୨୨ |
| ପୋଷ୍ଟ ଅଫିସ ପଛ | ୧୭ |
| ମା ବୁଢ଼ୀ | ୫ |
| ମାଛ ମାର୍କେଟ | ୨୦ |
| କମଦପଡ଼ିଆ | ୩୩ |
| ସଞ୍ଜୀବନୀ ମାର୍କେଟ | ୪୦ |
| ସ୍ଲମ୍ ହସ୍ପିଟାଲ | ୧ |
| ଏସ୍‌ଡିଓ କାର୍ଯ୍ୟାଳୟ ସମ୍ମୁଖ | ୧୦୫ |
| ସେଣ୍ଟ୍ରାଲ ଲଜ୍ ସମ୍ମୁଖ | ୫ |
| ସେଣ୍ଟ୍ରାଲ ଲଜ୍ ପାର୍ଶ୍ୱ | ୧୬ |
| ମାଂସ ଷ୍ଟଲ କୋଠା | ୭ |
| ପୁରୁଣା ମାଛ ମାର୍କେଟ | ୫ |
| ବଜାର ମାର୍କେଟ | ୩୨ |
| ଅମଲାପଡ଼ା ମାର୍କେଟ | ୩୨ |
| କଲେଜ ଛକ ମାର୍କେଟ | ୭୫ |
| ଲକ୍ଷ୍ମୀ ବଜାର ପିଣ୍ଡି | ୨୩ |
| ଶିମିଳିପଡ଼ା ମାର୍କେଟ | ୨୮ |
| ସୁପର ମାର୍କେଟ | ୨୬ |
| ଏଟିଏମ୍ | ୧ |
| ଅନ୍ୟାନ୍ୟ | ୬୩ |
| ମୋଟ୍ | ୭୩୩ |

### ଜବରଦଖଲ ଉଚ୍ଛେଦ କରାଯିବ



ସରକାରୀ ଜାଗା ଜବରଦଖଲ କରିଥିବା ଦୋକାନୀଙ୍କୁ ଉଚ୍ଛେଦ କରାଯିବ। ପୌରପାଳିକାରୁ ଏ ନେଇ ଅନୁମତି କାହାକୁ ଦିଆଯାଇ ନାହିଁ। ସରକାରୀ ଜାଗାରେ ଦୋକାନ ଗୃହ ସମ୍ପ୍ରସାରଣ କରିବା ସମ୍ପୂର୍ଣ୍ଣ ବେଆଇନ। ତେଣୁ ଏପରି ନିର୍ମାଣକୁ ଭଙ୍ଗାଯିବା ସହ ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

-ଗିରିଜା ଶଙ୍କର ମଲ୍ଲିକ, ପୌର ନିର୍ବାହୀ ଅଧିକାରୀ, ଅନୁଗୋଳ

### ନିର୍ଦ୍ଦେଶ ଅମାନ୍ୟ କରୁଛନ୍ତି



ସହରରେ ଜବରଦଖଲ ନ କରିବା ପାଇଁ ପୌର ପ୍ରଶାସନ ପକ୍ଷରୁ ବାରମ୍ବାର ଘୋଷଣା କରାଯାଉଛି। ଏହା ଦଣ୍ଡନୀୟ ଅପରାଧ ବୋଲି ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଉଛି। କିନ୍ତୁ ବ୍ୟବସାୟୀମାନେ ଏହାକୁ କର୍ଣ୍ଣପାତ କରୁନାହାନ୍ତି। ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି।

-ବିଭୂତି ଭୂଷଣ ମହାରଣା, ଟିକସ ଦାରୋଗା

### ନୂଆପିଢ଼ି ହଇରାଣ ହେବେ



ଲୋକ ପ୍ରତିନିଧିଙ୍କ ଦୂରଦୃଷ୍ଟି ଅଭାବ ଓ ପ୍ରଶାସନିକ ଅଧିକାରୀଙ୍କ ନୀରବତା ପାଇଁ ଏପରି ସମସ୍ୟା ସୃଷ୍ଟି ହେଉଛି। ଏଥିଯୋଗୁ ଆଗାମୀ ଦିନରେ ଅନୁଗୋଳର ନୂଆପିଢ଼ିମାନେ ହଇରାଣ ହେବେ। କିଛି ବର୍ଷ ପରେ ଗାଡ଼ି ସଂଖ୍ୟା ବଢ଼ିଯିବ। ପାର୍କିଂ କରିବାକୁ ବଜାରରେ ସୁବିଧା ନାହିଁ। ଏହି ରାସ୍ତାର ପ୍ରଶସ୍ତୀକରଣ ନିମନ୍ତେ ଭୂମିପୂଜା କରାଯାଇଥିଲା। କିନ୍ତୁ ପ୍ରଶସ୍ତ ପରିବର୍ତ୍ତେ ତାହା ସଂକୀର୍ଣ୍ଣ ହୋଇଛି।

-ଶକ୍ତି ପ୍ରସାଦ ପଟ୍ଟନାୟକ, ପୂର୍ବତନ ନଗରପାଳ, ଅନୁଗୋଳ

### ସୁହାଇଲା ଭଳି କାର୍ଯ୍ୟ କରାଯାଉଛି



ପୌରପାଳିକା ନୟନଯୋଡ଼ି କିଷମ ଉପରେ ଦୋକାନ ଘର ନିର୍ମାଣ କରିଛି, ଯାହା ଆଇନ ଅନୁଯାୟୀ ଅନୁମୋଦିତ ନୁହେଁ। ନୟନଯୋଡ଼ି ଗୁଡ଼ିକ ବନ୍ଦ ହେବା ଫଳରେ ଜଳ ନିଷ୍କାସନ ହୋଇପାରୁନାହିଁ। କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଦୋକାନ ଘର ବଢ଼ାଉଛନ୍ତି। ପୌରପାଳିକା ଏହାକୁ ଉଚ୍ଛେଦ କରିପାରୁନାହିଁ। ନୂଆ ନିର୍ମାଣ ସମୟରେ ମଧ ସେମାନଙ୍କୁ ସୁହାଇବା ଭଳି କାର୍ଯ୍ୟ କରାଯାଉଛି।

-ଭୂପେଶ ପ୍ରଧାନ, ଆଇନଜୀବୀ, ଅନୁଗୋଳ

## ପ୍ରସୂତିଙ୍କୁ ମିଳିଲା ବମ୍ବେ ଗ୍ରୁପ୍ ବ୍ଲଡ୍

ଅନୁଗୋଳ ଅଫିସ, ୨୮।୬

ପ୍ରସବ ପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିବା ଢେଙ୍କାନାଳ ଜିଲା ସରାଙ୍ଗ ଅଞ୍ଚଳର ଅଞ୍ଜଳି ବେହେରାଙ୍କୁ ମିଳିଛି ବିରଳ ବମ୍ବେ ଫେନୋଟାଇପ୍ ଗ୍ରୁପ୍ ବ୍ଲଡ୍। ଫଳରେ ସୋମବାର ତାଙ୍କ ଅସ୍ତ୍ରୋପଚାର ହୋଇପାରିଛି। ପ୍ରକାଶ ଯେ, ଅଞ୍ଜଳି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିବା ପରେ ଅସ୍ତ୍ରୋପ୍ରଚାର କରାଯାଇ ପ୍ରସବ କରାଯିବ ବୋଲି ଡାକ୍ତରଙ୍କ ପକ୍ଷରୁ କୁହାଯାଇଥିଲା। ହେଲେ ତାଙ୍କ ବ୍ଲଡ୍ ଗ୍ରୁପ୍ ବମ୍ବେ ଫେନୋଟାଇପ୍ ହୋଇଥିବାରୁ ଏହା ମିଳିବା ମୁସ୍କିଲ ହୋଇପଡ଼ିଥିଲା। ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରରେ ଏହି ଗ୍ରୁପ୍‌ର ଗୋଟିଏ ୟୁନିଟ୍ ଥିବାବେଳେ ଆଉ ଏକ ୟୁନିଟ୍ ମିଳୁ ନ ଥିବାରୁ ଅସ୍ତ୍ରୋପଚାର ସ୍ଥଗିତ ରହିଥିଲା। ଏ ନେଇ କେତେଜଣ ସାମାଜିକ କର୍ମୀ ରାଉରକେଲାର ରଜତ ଏକାଙ୍କୁ ଯୋଗାଯୋଗ କରିଥିଲେ। ସେ ସୋମବାର ସକାଳେ ଟ୍ରେନ୍ ଯୋଗେ ଆସି ଅନୁଗୋଳରେ ପହଞ୍ଚ ରକ୍ତଦାନ କରିବ ପରେ ଅଞ୍ଜଳିଙ୍କ ଅସ୍ତ୍ରୋପଚାର କରାଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହାକୁ ମିଶାଇ ରଜତ ୧୨ ଥର ଏହି ବିରଳ ଗ୍ରୁପ୍ ରକ୍ତ ଦେଇ ରୋଗୀଙ୍କ ଜୀବନ ବଞ୍ଚାଇଥିବା କହିଛନ୍ତି।



ରାଉରକେଲାର ରଜତ ଏକା ଅନୁଗୋଳ ମେଡିକାଲରେ ରକ୍ତଦାନ କରୁଛନ୍ତି।

## ଏନ୍‌ଟିପିସିରେ ନିରାପତ୍ତା ସପ୍ତାହ

କଣିହାଁ,୨୮।୬(ଡି.ଏନ.ଏ.)

କଣିହାଁସ୍ଥିତ ଟିଏସଟିପିଏସରେ ଜାତୀୟ ଇଲେକ୍ଟ୍ରିକାଲ ନିରାପତ୍ତା ସପ୍ତାହ ପାଳନ କରାଯାଉଛି। ୟୁନିଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଦୀପ ନାଗ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଓଆଣ୍ଡଏମ ବିଭାଗ ଜିଏମ ଶିଭମ ଶ୍ରୀବାସ୍ତବ, ଅପରେଶନ ବିଭାଗ ଜିଏମ ଏସଏଚ. ପି. ଶିବ ରାମକୃଷ୍ଣନ୍, ମେଣ୍ଟେନାନ୍ସ ଜିଏମ ଏଚ.ଏନ ଚକ୍ରବର୍ତ୍ତୀ, ପ୍ରୋଜେକ୍ଟ ଜିଏମ ଆର ଏନ ଦାସ, ଆସ୍ ୟୁଟିଲାଇଜେସନ ଜିଏମ ସରିତ୍ ମହେଶ୍ୱରୀ, ଇଏମଡି ଏଜିଏମ ବ୍ରଜରାଜ ରଥ ପ୍ରମୁଖ ଉପସ୍ଥିତ ଥିଲେ। ନିରାପତ୍ତା ନେଇ କର୍ମଚାରୀଙ୍କୁ ଇଡି ନାଗ ଶପଥ ପାଠ କରାଇଥିଲେ। କମ୍ପାନୀ ପକ୍ଷରୁ ନିରାପତ୍ତା ସଂକ୍ରାନ୍ତରେ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ଦିନ ଗୁଡ଼ିକରେ ମଧ ନିରାପତ୍ତା ଦିଗରେ ପଦକ୍ଷେପ ଜାରି ରହିବ। ଏ ନେଇ ସେ କର୍ମଚାରୀଙ୍କ ସହଯୋଗ ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି।



ଏନ୍‌ଟିପିସିରେ ନିରାପତ୍ତା ସପ୍ତାହ ପାଳନ ଅବସରରେ ପତାକା ଉତ୍ତୋଳନ କରାଯାଉଛି।

## ଅନୁଗୋଳରେ ୧୧୬ ପଜିଟିଭ୍

ଅନୁଗୋଳ ଅଫିସ, ୨୮।୬

ଅନୁଗୋଳ ଜିଲାରୁ ଶୁକ୍ରବାର ୧୧୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୪୦ ହଜାର ୬୦୨ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ତାଳଚେର ବ୍ଲକରୁ ସର୍ବାଧିକ ୧୮ ଜଣ ଥିବାବେଳେ ଅନୁଗୋଳ ବ୍ଲକରୁ ୧୬, ବଣ୍ଟଁରପାଳ ବ୍ଲକରୁ ୧୫, ଅନୁଗୋଳ ପୌରାଞ୍ଚଳରୁ ୧୪, ଛେଣ୍ଡିପଦା ବ୍ଲକରୁ ୧୩, କଣିହାଁ ବ୍ଲକରୁ ୧୧, ଆଠମଲ୍ଲିକ ବ୍ଲକରୁ ୯, ତାଳଚେର ପୌରାଞ୍ଚଳରୁ ୮, କିଶୋରନଗର ବ୍ଲକରୁ ୬, ପାଲଲହଡ଼ା ବ୍ଲକରୁ ୪ ଜଣ ଓ ଆଠମଲ୍ଲିକ ଏନ୍‌ଏସିରୁ ୨ ଜଣ ରହିଛନ୍ତି। ଚିହ୍ନଟ ହୋଇଥିବା ଲକ୍ଷଣଯୁକ୍ତ ସଂକ୍ରମିତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର କରୋନା ୱାର୍ଡ ଓ ୪୦ ଜଣଙ୍କୁ ତାଳଚେରସ୍ଥିତ କୋଭିଡ୍ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଜିଲାରୁ ଦିନକରେ ୧୫୧ ଜଣ କରୋନରୁ ସୁସ୍ଥ ହୋଇଥିବାବେଳେ ସୋମବାର କାହାରି ମୃତ୍ୟୁ ହୋଇନାହିଁ।

## ଟିକାକୁ ନେଇ ଆତ୍ମପ୍ରଚାରକୁ ବିରୋଧ



ଛାତ୍ର କଂଗ୍ରେସ ପକ୍ଷରୁ ଅନୁଗୋଳ ରାଜା ଛକରେ ବିରୋଧ ପ୍ରଦର୍ଶନ କରାଯାଉଛି।

ଅନୁଗୋଳ ଅଫିସ,୨୮।୬

କୋଭିଡ୍ ମହାମାରୀ ବେଳେ ଶୀଘ୍ର ଅଧିକରୁ ଅଧିକ ଟିକାକରଣ ଉପରେ ଗୁରୁତ୍ୱ ନ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆତ୍ମପ୍ରଚାର ଉଦ୍ୟମ କରାଯାଉଛି। ବିଭିନ୍ନ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ହୋର୍ଡିଂ ଲଗାଇ ଉଭୟ ରାଜନୈତିକ ଦଳ ପକ୍ଷରୁ ଟିକାର ଶ୍ରେୟ ନେବାକୁ ପ୍ରତିଯୋଗିତା ଚାଲିଛି। ଅନୁଗୋଳ ଜିଲାରେ ମଧ ଭାଜପା ଓ ବିଜେଡି ପକ୍ଷରୁ ଏପରି ହୀନ ରାଜନୀତି ଚାଲିଥିବା ଜିଲା ଛାତ୍ର କଂଗ୍ରେସ ଅଭିଯୋଗ କରିଛି। ଅଦୃଶ୍ୟ ଭୂତାଣୁ ବିରୋଧରେ ଏକାଠି ଲଢ଼ିବା ପରିବର୍ତ୍ତେ ଉଭୟ ଦଳର ନେତା ଓ କର୍ମୀ ଫଟୋକୁ ନେଇ ରାଜନୀତି ଚଳାଇଥିବାରୁ ଏହାର ବିରୋଧ କରିଛି ଜିଲା ଛାତ୍ର କଂଗ୍ରେସ। ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନିର୍ଦ୍ଦେଶ କ୍ରମେ ଅନୁଗୋଳ ଜିଲା ଛାତ୍ର କଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ରାଜା ଛକ ଠାରୁ ବାହାରି କରଡାଗାଡ଼ିଆ ଶ୍ମଶାନ ଯାଏ ଯାଇଥିଲା। ସେଠାରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଝୁଲାଯାଇଥିଲା। ଯଦି ଟିକାକରଣର ଶ୍ରେୟ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନେବାକୁ ଲଢେଇ କରୁଛନ୍ତି, ତା'ହେଲେ କୋଭିଡ୍ ବିଫଳତାକୁ ବି ମୁଣ୍ଡାନ୍ତୁ ବୋଲି ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ କାଉନସିଲର ବଳବୀର ସିଂ, ଯୁବ କଂଗ୍ରେସ ସଭାପତି ଲୁଟୁ ରଞ୍ଜନ ଥାପା, ରାଜ୍ୟ ଛାତ୍ର କଂଗ୍ରେସ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଦ୍ୟୁମ୍ନ ସାହୁ, ଅଭିଷେକ ନାୟକ, ସଂଗ୍ରାମ ବେହେରା, ସିପୁ ଜେନା, ମାନସ ରଞ୍ଜନ ବିଶ୍ୱାଳ, ଦିନେଶ ସାହୁ, ଶୁଭଦୀପ ଗାଙ୍ଗୁଲି, ସମୀର ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ଆମରଣ ଅନଶନ ଚେତାବନୀ

ତାଳଚେର,୨୮।୬(ନି.ପ୍ର.)

**ମେଡିକାଲ କଲେଜରେ ନାମଲେଖା ଅନିଶ୍ଚିତତା**

ଅନୁଗୋଳ ଜିଲା ତାଳଚେରଠାରେ ନିର୍ମିତ ମହାନଦୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ ମେଡିକାଲ ସାଇନ୍ସରେ ନାମଲେଖା ଓ କାର୍ଯ୍ୟକାରିତାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଏହାର ପ୍ରତିବାଦରେ ଜିଲା ପରିଷଦର ପୂର୍ବତନ ସଭ୍ୟ ତଥା ସାମାଜିକ କର୍ମୀ ରାଜକିଶୋର ସାହୁ ଆମରଣ ଅନଶନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ସେ ତାଳଚେର ଉପଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ମେଡିକାଲ କଲେଜ କେବେ କାର୍ଯ୍ୟକ୍ଷମ ହେବ ତାହାକୁ ଅନୁଗୋଳ ଜିଲାବାସୀ ଚାହିଁ ବସିଥିବାବେଳେ ଦିନକୁ ଦିନ ଏ ନେଇ ଅନିଶ୍ଚିତତା ବଢ଼ିବାରେ ଲାଗିଛି।

ପ୍ରକାଶ ଥାଉକି, ୨୦୦୯ରେ କେନ୍ଦ୍ରରେ ୟୁପିଏ ସରକାର ଥିବାବେଳେ ତାଳଚେର ଠାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ଘୋଷଣା କରିଥିଲେ। ୨୦୧୪ରେ ଘଣ୍ଟପଡ଼ା ଗ୍ରାମବାସୀଙ୍କ ସହଯୋଗ ଓ ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ଏହା ପରିବେଶ ମଞ୍ଜୁରୀ ପ୍ରାପ୍ତ ହୋଇଥିଲା। ୨୦୧୫ରେ ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ୨୦୧୯ରେ ଏଠାରେ ନାମଲେଖା ପ୍ରକ୍ରିୟା ଓ ସ୍ୱାସ୍ଥ୍ୟ ସେବା କାର୍ଯ୍ୟ ଆରମ୍ଭ ହେବ ବୋଲି ଏମ୍‌ସିଏଲ୍ ସିଏମ୍‌ଡି ଘୋଷଣା କରିଥିଲେ। ହେଲେ ୨୦୨୧ ଜୁନ୍ ସରିବାକୁ ବସିଥିଲେ ମଧ ମେଡିକାଲ କଲେଜର ଭବିଷ୍ୟତ ସ୍ଥାଣୁ ଅବସ୍ଥାରେ ରହିଛି। ନାମଲେଖା କେବେ ଆରମ୍ଭ ହେବ ଓ ମେଡିକାଲ କଲେଜରେ ସ୍ୱାସ୍ଥ୍ୟସେବା କେବେ ଲୋକେ ପାଇବେ ତାହା ସରକାର ସ୍ପଷ୍ଟ କରନ୍ତୁ ବୋଲି ସାହୁ ଦାବି କରିଛନ୍ତି। ତୁରନ୍ତ ଏହାକୁ କାର୍ଯ୍ୟକାରୀ କରା ନ ଗଲେ ଆଗାମୀ ଅଗଷ୍ଟ ୧୫ରେ ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରାଯିବ ବୋଲି ସାହୁ ଚେତାବନୀ ଦେଇଛନ୍ତି।



ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଚିକିତ୍ସାଳୟକୁ ମିଳିବ ଅତ୍ୟାଧୁନିକ ଯନ୍ତ୍ରାଂଶ

ଅନୁଗୋଳ ଅଫିସ, ୨୮।୬

**ଜିଲା ସ୍ୱାସ୍ଥ୍ୟ ସମିତି କାର୍ଯ୍ୟନିର୍ବାହୀ ବୈଠକ**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ସ୍ୱାସ୍ଥ୍ୟ ଭିତ୍ତିକ କାର୍ଯ୍ୟକ୍ରମ ସୁପରିଚାଳନା ପାଇଁ ସୋମବାର ଅପରାହ୍ନରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧକ୍ଷତାରେ ଜିଲା ସ୍ୱାସ୍ଥ୍ୟ ସମିତି କାର୍ଯ୍ୟନିର୍ବାହୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ନବଜାତ ଶିଶୁ ମୃତ୍ୟୁ ହାର କମାଇବା ପାଇଁ ଚିକିତ୍ସାଳୟକୁ ସମସ୍ତ ଯନ୍ତ୍ରାଂଶ ଯୋଗାଇ ଦିଆଯିବ ବୋଲି ଜିଲାପାଳ ବୈଠକରେ କହିଥିଲେ। ଏଭଳି କି କାର୍ଯ୍ୟରତ ନର୍ସ ଓ ଏଏନ୍‌ଏମ୍‌ମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏ ନେଇ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରି ଜିଲା ପ୍ରଶାସନକୁ ପ୍ରଦାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସରକାରୀ ଡାକ୍ତରଖାନାରେ ପ୍ରସବ କରାଇବା ଉପରେ ଜିଲାପାଳ ଗୁରୁତ୍ୱ ପ୍ରଦାନ କରିଛନ୍ତି।



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀଙ୍କ ସହ ଅନ୍ୟମାନେ।

ସ୍ୱାସ୍ଥ୍ୟ ଭିତ୍ତିକ କାର୍ଯ୍ୟକ୍ରମଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ କରାଯିବ। ୨୫ ଜଣ ଲେଖାଏ ଆଶା, ଏଏନ୍‌ଏମ୍ ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ତାଲିମ ଦେଇ ପ୍ରତି ବ୍ଲକରେ କରୋନା କାର୍ଯ୍ୟକ୍ରମରେ ନିୟୋଜିତ କରାଯିବ। ମହାପ୍ରୟାଣ ଓ ୧୦୮ ଆମ୍ବୁଲାନ୍ସକୁ କରୋନା କାର୍ଯ୍ୟରେ ଲଗାଯିବ। ଯେଉଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଭଲ ରାସ୍ତା ନାହିଁ ସେଠାରେ ତୁରନ୍ତ ରାସ୍ତା ମରାମତି ଓ ନିର୍ମାଣ କାର୍ଯ୍ୟ କରାଯିବ। ଜିଲାରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକର ଉନ୍ନତି ପାଇଁ ଅନୁମୋଦିତ ନିର୍ମାଣ କାର୍ଯ୍ୟ ଆସନ୍ତା ଦୀପାବଳି ପୂର୍ବରୁ ଶେଷ କରାଯିବ। ଜିଲାରେ ବର୍ତ୍ତମାନ ସୁଦ୍ଧା ଏନ୍‌ଏଚ୍‌ଏମ୍ ସ୍କିମ୍‌ରେ ୮୩ଟି ନିର୍ମାଣ କାର୍ଯ୍ୟ ମଧ୍ୟରୁ ୭୬ଟିର କାର୍ଯ୍ୟ ଶେଷ ହୋଇଛି। ୬ଟିର କାର୍ଯ୍ୟ ଜାରି ରହିଛି। ଗୋଟିଏର ନିର୍ମାଣ ଆରମ୍ଭ ହୋଇପାରି ନାହିଁ। ଏହି କାର୍ଯ୍ୟ ତୁରନ୍ତ ଆରମ୍ଭ ସହ ଶୀଘ୍ର ଶେଷ କରିବାକୁ ଜିଲାପାଳ କହିଥିଲେ। ଚଳିତବର୍ଷ ମାତୃ ମୃତ୍ୟୁ ହାର କମିଛି। ଜିଲାରେ ୨ ହଜାର ୫୭୫ ଜଣ ମେଡିକାଲରେ ପ୍ରସବ କରିଥିବାବେଳେ କୌଣସି କାରଣରୁ ୨ ଜଣଙ୍କ ମୃତ୍ୟୁ ହୋଇଛି। ତେବେ ଏହି ମୃତ୍ୟୁ ହାର ଶୂନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଗ୍ରାମ୍ୟ କଲ୍ୟାଣ ସମିତି ପାଇଁ ଅନୁମୋଦିତ ହୋଇଥିବା ୧ କୋଟି ୫୭ ଲକ୍ଷ ୧୦ ହଜାର ଟଙ୍କା ମଧ୍ୟରୁ ୯୭ ପ୍ରତିଶତ ଟଙ୍କା ଖର୍ଚ୍ଚ ହୋଇଥିବା ମେଡିକାଲ ପ୍ରଶାସନ ପକ୍ଷରୁ ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ତ୍ରିଲୋଚନା ପ୍ରଧାନ, ଏନ୍‌ଏଚ୍‌ଏମ୍ ଡିପିଏମ୍ ବିଶ୍ୱ ରଞ୍ଜନ ରଥଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଓ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

